**୨୮ ଜୁଲାଇ ୨୦୨୩ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ହଦିକତୁଲ୍ ମେହ୍‌ଦୀ, ଆଲଟନ୍**

## ବାର୍ଷିକ ଧର୍ମସମ୍ମିଳନୀ ଅବସରରେ କର୍ମକର୍ତ୍ତା ଓ ଅତିଥିମାନଙ୍କୁ ହଜୁର ଅନଓ୍ୱର [ଅ.ବ] ଙ୍କର ବହୁମୂଲ୍ୟ ଉପଦେଶ ପ୍ରଦାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଅ ାଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଆଜି ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ ଅହେମଦିୟା ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି । ଏଠାରେ ଖଲିଫାଙ୍କ ଉପସ୍ଥିତିରେ ବାର୍ଷିକ ଧର୍ମସମ୍ମିଳନୀ ପାଖାପାଖି ଗତ ଚାରି ଦଶନ୍ଧି ଧରି ଅନୁଷ୍ଠିତ ହୋଇଆସୁଅଛି । ପ୍ରାରମ୍ଭରେ ଜଲସାର ବ୍ୟାପକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କର୍ମୀମାନଙ୍କୁ ଅନେକ କିଛି ଶିଖା ଯାଉଥିଲା, ଯେଉଁଥି-ପାଇଁ ଆମ ଚତୁର୍ଥ ଖଲିଫା ବ୍ୟକ୍ତିଗତ ଭାବରେ କର୍ମୀମାନଙ୍କର ମାର୍ଗଦର୍ଶନ କରୁଥିଲେ ଏବଂ ରବଓ୍ୱାରୁ ମଧ ଲୋକମାନଙ୍କୁ ଏଠାକୁ ଡ଼କାଇ କର୍ମୀମାନଙ୍କୁ ପ୍ରଶିକ୍ଷିତ କରିଥିଲେ । ଯେଉଁମାନଙ୍କ ମଧ୍ୟରେ ଚୌଧରୀ ହମିଦୁଲ୍ଲାଃ ସାହେବ ଅଫସର୍ ଜଲସା ସାଲାନା ମଧ ସାମିଲ ଥିଲେ । ଏହି କାର୍ଯ୍ୟରେ ସେ ବେଶ୍ ସାହାଯ୍ୟ କରିଥିଲେ । ୧୯୮୫ମସିହାରେ ଏଠାରେ ପ୍ରଥମ ଥର ପାଇଁ ଖଲିଫାଙ୍କ ଉପସ୍ଥିତିରେ ବାର୍ଷିକ ଧର୍ମସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଯଦିଚ ଏହା ପୂର୍ବରୁ ୧୯୮୪ମସିହାରେ ବାର୍ଷିକ ଧର୍ମସମ୍ମିଳନୀ ଅନୁଷ୍ଠିତ ହୋଇଥିଲା କିନ୍ତୁ ତାହା ଖୁବ୍ ସଂକ୍ଷିପ୍ତ ଆୟୋଜନ ଥିଲା । ୧୯୮୫ମସିହାର ଜଲସାରେ ସମ୍ଭବତଃ ପାଞ୍ଚ ହଜାର ଲୋକ ଯୋଗ ଦେଇଥିଲେ । ଏହାର ମଧ ବ୍ୟବସ୍ଥା ବିଭାଗକୁ ଚିନ୍ତା ଘାରୁ ଥିଲା ଯେ, କିପରି ସମସ୍ତ ଆୟୋଜନ ସୁଚାରୁ ରୂପେ ସମ୍ପାଦନ କରିବେ । ଏବେ ତ ଜମାଅତର ଅନ୍ତଃ ବିଭାଗର ଇଜ୍‌ତେମାରେ ମଧ ଆ'ଠାରୁ ଅଧିକ ଉପସ୍ଥିତି ହେଉଛି ଏବଂ ସେମାନେ ମଧ ବେଶ୍ ସୁନ୍ଦର ଭାବରେ ସମସ୍ତ କାର୍ଯ୍ୟ ତୁଲାଇ ନେଉଛନ୍ତି । ଏହି ଦୃଷ୍ଟିକୋଣରୁ ଇଂଲଣ୍ଡ ଜମାଅତ ବେଶ ପ୍ରବୀଣ ହୋଇଗଲାଣି । ଯଦିଚ ଚଳିତ ବର୍ଷର ଏହି ଜଲସା ତିନି/ଚାରି ବର୍ଷ ପରେ ବ୍ୟାପକ ସ୍ତରରେ ପୁନଃ ଅନୁଷ୍ଠିତ ହେଉଅଛି । ତେଣୁ ବ୍ୟବସ୍ଥା ବିଭାଗ କିଞ୍ଚିତ ମାତ୍ରାରେ ଚିନ୍ତିତ ଯେ ଚାଳିଷ ହଜାରୁ ଉର୍ଦ୍ଧ୍ୱ ଜନସମାଗମକୁ ଆମେ ସୁବ୍ୟବସ୍ଥାର ସହିତ ସମ୍ଭାଳି ପାରିବା ଅଥବା ନାହିଁ । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ମୁଁ ଆଶା କରୁଛି ଯେ ଏଠାକାର କର୍ମକର୍ତ୍ତାମାନେ ଅତି ସୁନ୍ଦର ଭାବରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିନେବେ ।

ଗତ ରବିବାର ଦିନ ମୁଁ ସେପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା କାର୍ଯ୍ୟର ସର୍ବେକ୍ଷଣ ମଧ କରିଥିଲି । ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ବିଭାଗର କର୍ମୀମାନଙ୍କୁ ମୁଁ ନିଜ ନିଜ କାର୍ଯ୍ୟରେ ବେଶ ଆଗ୍ରହର ସହ ଚଳଚଞ୍ଚଳ ଓ ଅଭିଜ୍ଞ ଥିବାର ପରିଲକ୍ଷିତ କରିଥିଲି । ସେତେବେଳେ ମନରେ ଯେଉଁ ଚିନ୍ତା ଘାରୁଥିଲା ତାହା ଅଲ୍ଲାଃଙ୍କ କୃପାରୁ ଦୂରିଭୂତ ହୋଇଯାଇଥିଲା । ଅଲ୍ଲାଃତାଲା ସର୍ବଦା ଆମର ଏହିପରି ସମସ୍ୟା ଦୂର କରିଦେବେ କିନ୍ତୁ ଏଥିପାଇଁ ସର୍ତ୍ତ ଏହିକି ଯେ, ଆମେମାନେ ତାଙ୍କ କୃପାର ଅଧିକାରୀ ହୋଇଚାଲିଥିବା । **ଆମର କୌଣସି କାର୍ଯ୍ୟ ଆମର କୌଣସି ଚତୁରତା ଅଥବା ଅଭିଜ୍ଞତାର ଫଳସ୍ୱରୂପ ସମ୍ପନ୍ନ ହୋଇ ନଥାଏ ବରଂ ସେସବୁ ଅଲ୍ଲାଃଙ୍କ କୃପା ଓ ଅନୁକମ୍ପାର ପରିଣାମ ମାତ୍ର ।**

ଗତ ଖୁତବାରେ ମୁଁ କର୍ମକର୍ତ୍ତାମାନଙ୍କର ଏଥିପ୍ରତି ଧ୍ୟାନ ଆକର୍ଷିତ କରିଥିଲି କି ପରିଶ୍ରମ, ଉତ୍ତମ ଆଚରଣ ଓ ଦୁଆ ମାଧ୍ୟମରେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି ପ୍ରତ୍ୟେକ କର୍ମୀ ଓ କର୍ମକର୍ତ୍ତାଙ୍କୁ ନିଜ ନିଜର କାର୍ଯ୍ୟ ସମ୍ପାଦନ କରିବା ଉଚିତ୍ । ଏବେ ପୁନର୍ବାର କର୍ମୀମାନଙ୍କୁ କହିବାକୁ ଚାହେଁ ଯେ, ଆପଣମାନେ ଯେଉଁ ଉତ୍ସାହର ସହିତ ଡ଼ିଉଟି ଦେବା ପାଇଁ ନିଜକୁ ଉପସ୍ଥାପିତ କରିଛନ୍ତି, ସେହି ଉତ୍ସାହକୁ ଅପରିବର୍ତ୍ତିତ ରଖିବେ ଏବଂ ଯେତେଦିନ ପର୍ଯ୍ୟନ୍ତ ଆପଣମାନଙ୍କର ଡ଼ିଉଟି ଲାଗିବ ସେପର୍ଯ୍ୟନ୍ତ ନିଜ ନିଜର ଡ଼ିଉଟି (ନିଷ୍ଠାର ସହ) ଦେବେ । ଏହିପରି ଏକଥା ମଧ୍ୟ ସ୍ମରଣ ରଖିବେ ଯେ, ଡ଼ିଉଟି ଦେବା ସହିତ ଆମମାନଙ୍କୁ ଅଲ୍ଲାଃତାଲାଙ୍କ ଉପାସନା ମଧ୍ୟ କରିବାର ଅଛି । ନିଜ ନମାଜର ମଧ୍ୟ ହିଫାଜତ୍ କରିବା, ନିଜ ଆତ୍ମଶୁଦ୍ଧି ପ୍ରତି ମଧ୍ୟ ମନଯୋଗ କରିବା । ବର୍ତ୍ତମାନ ମୁଁ ଜଲସାକୁ ଆସୁଥିବା ଅତିଥିମାନଙ୍କୁ କିଛି କହିବାକୁ ଚାହୁଁଛି ।

ସର୍ବପ୍ରଥମ ଓ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହିକି ଯେ, ଜଲସାରେ ଯୋଗ ଦେଇଥିବା ହଜରତ ମସିହ ମଉଦ [ଅ.ସ]ଙ୍କର ସମସ୍ତ ଅତିଥିବୃନ୍ଦଙ୍କୁ ସର୍ବଦା ନିଜ ସମ୍ମୁଖରେ ରଖିବାକୁ ହେବ ଯେ, ଏହା କୌଣସି ସାଂସାରିକ ମେଳା ନୁହେଁ । **ଏହି ଜଲସାରେ ଯୋଗ ଦେବାର ଆମର ଏକ ଲକ୍ଷ ରହିଛି ଯେ ଆମେ ନିଜର ଜ୍ଞାନ, ଆଧ୍ୟାତ୍ମିକତା ଓ ଚାରିତ୍ରିକ ଅବସ୍ଥାକୁ ପରିମାର୍ଜିତ କରିବା ।** ଅଲ୍ଲାଃତାଲା ଓ ତାଙ୍କ ପ୍ରିୟ ରସୁଲ [ସ.ଅ]ଙ୍କ ସହିତ ପ୍ରେମ ସମ୍ପର୍କ ସ୍ଥାପନ କରିବା । ଯେତେବେଳେ ଏସବୁ ପ୍ରସଙ୍ଗ ପ୍ରତି ନଜର ରଖିବା ସେତେବେଳେ ଜଲସାର ବ୍ୟବସ୍ଥାରେ ଥିବା ସାଧାରଣ ତ୍ରୁଟି ପ୍ରତି ଆମ ଧ୍ୟାନ କେନ୍ଦ୍ରିତ ହେବ ନାହିଁ ।

ଜଲସାରେ ଯୋଗ ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ବିଶେଷ ଏହି କଥାକୁ ସୁନିଶ୍ଚିତ କରନ୍ତୁ ଯେ, ଜଲସାର ଅଧିବେଶନ ସମୟରେ ଏଣେତେଣେ ବୁଲାଚାଲା କରିବା ପରିବର୍ତ୍ତେ ଜଲସାର କାର୍ଯ୍ୟକ୍ରମ ଦେଖନ୍ତୁ । ଅଧିବେଶନର ମଧ୍ୟବର୍ତ୍ତୀ ସମୟରେ ଯେଉଁ ବିରତି ମିଳିଥାଏ ସେହି ସମୟର ମଧ୍ୟ ସଦୁପଯୋଗ କରନ୍ତୁ । ବଜାର ଯାଇ କିଣାବିକା କରିବା ପରିବର୍ତ୍ତେ ଯେଉଁ ପୁସ୍ତକାଳୟ ଖୋଲା ଯାଇଛି, ତାହାର ପରିଦର୍ଶନ କରନ୍ତୁ । କେନ୍ଦ୍ରିୟ ବିଭାଗ ଆନୁକୂଲ୍ୟରେ ଯେଉଁ ପ୍ରଦର୍ଶନୀ ଲଗା ଯାଇଛି ତାହାର ପରିଦର୍ଶନ କରି ନିଜ ଧାର୍ମିକ ଓ ଐତିହାସିକ ଜ୍ଞାନରେ ଅଭିବୃଦ୍ଧି କରନ୍ତୁ । ଏଭଳି ବଡ଼ ଧରଣ ଓ ଅସ୍ଥାୟୀ ବ୍ୟବସ୍ଥାରେ କିଛି ନା କିଛି ତ୍ରୁଟି ବିଚ୍ୟୁତ ହୋଇ ଯାଇଥାଏ, ତେଣୁ ତାହାକୁ ଅଣଦେଖା କରିବା ଉଚିତ୍ । ଉଦାହରଣ ସ୍ୱରୂପ ଖାଇବା ବ୍ୟବସ୍ଥାକୁ ଦେଖିନିଅ, ଯଦି ଠିକ୍ ସମୟରେ ଖାଇବା ସ୍ଥାନରେ ନପହଞ୍ଚି ପାରନ୍ତି ତେବେ ପରବର୍ତ୍ତୀ ସମୟରେ ଯାହା ଉପଲବ୍ଧ ରହିଥିବ ତାହା ଖାଇନେବା ଉଚିତ୍ । ଯଦି ରୁଟି ସାମନ୍ୟ କଞ୍ଚା ରହିଯାଇ ଥାଏ ଅଥବା ଅତ୍ୟଧିକ ଜଳି ଯାଇଥିବ ଏବଂ ଖାଇବା ଯୋଗ୍ୟ ନଥିବ ତେବେ ତାହାକୁ ଛଡ଼ା ଯାଇପାରେ ନଚେତ୍ ତାହାକୁ ମଧ୍ୟ ଖାଇ ନେବା ଉଚିତ୍ । ଟ୍ରାଫିକ୍ ବ୍ୟବସ୍ଥାରୁ ମଧ୍ୟ ଅଭିଯୋଗ ମିଳୁଛି, ଏହି ପରିପ୍ରେକ୍ଷୀରେ ମଧ୍ୟ ବ୍ୟବସ୍ଥା ବିଭାଗ ସହିତ ସହଯୋଗ କରିବା ଅନିବାର୍ଯ୍ୟ । ଉତ୍ତମ ଆଚରଣ ପ୍ରଦର୍ଶନ କରିବା, ପରସ୍ପର ସହିତ ଖୁସି ମନରେ ମିଶିବା, ଅନ୍ୟ ପାଇଁ ବଳିଦାନ ଦେବାର ଉଦ୍‌ବେଗ କେବଳ କର୍ମୀମାନଙ୍କର କାର୍ଯ୍ୟ ନୁହେଁ ବରଂ ଅତିଥିମାନଙ୍କୁ ମଧ୍ୟ ବିଶେଷ ରୂପେ ପ୍ରଦର୍ଶନ କରିବା ଉଚିତ୍ । ଯଦି ତୁମର ବ୍ୟବହାର ଠିକ୍ ନାହିଁ ତେବେ ସବୁ ଅସାର ଅର୍ଥାତ୍ ସବୁ ପରିଶ୍ରମ ବୃଥା । ମୁଁ ଗତଥର ଗୋଟିଏ ହଦିସ୍‌ର ଦୃଷ୍ଟାନ୍ତ ଦେଇଥିଲି ଯେ, ପ୍ରସନ୍ନତାର (ସହିତ ପରସ୍ପରକୁ ସାକ୍ଷାତ କରିବା) ମଧ୍ୟ ବିଶ୍ୱାସର ଏକ ଶାଖା ଅର୍ଥାତ୍ ସଦ୍‌କା ଅଟେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; କୌଣସି ବ୍ୟକ୍ତି ପ୍ରକୃତ ବିଶ୍ୱାସକାରୀ ହୋଇପାରେନା ଯେପର୍ଯ୍ୟନ୍ତ ତାହାର ହୃଦୟ ନମ୍ର ହୋଇ ନାହିଁ । ଯେପର୍ଯ୍ୟନ୍ତ ସେ ନିଜକୁ ସମସ୍ତଙ୍କ ତୁଳନାରେ ତୁଚ୍ଛ ମଣି ନାହିଁ ଏବଂ ଅନ୍ତରରୁ ସମସ୍ତ ପ୍ରକାରର ଗର୍ବ ଅହଂଭାବ ଦୂର ହୋଇ ନାହିଁ । ଦଳର ସେବକ ହେବା ସେବା ସତ୍କାର ପାଇବାର ଲକ୍ଷଣ

ଅଟେ । ଗରିବମାନଙ୍କ ସହିତ ନମ୍ରତା ଓ ଶାଳୀନତାର ସହ କଥାଭାଷା ହେବା ପ୍ରଭୁଙ୍କର ସ୍ୱୀକୃତି ଲାଭ କରିବାର ଚିହ୍ନ । **ଅଭଦ୍ର ଓ ଅସଭ୍ୟ ଆଚରଣର ପ୍ରତିଉତ୍ତର ପୂର୍ଣ୍ଣ ଉଦାରତା ସହକାରେ ଦେବା ସୌଭାଗ୍ୟ ପୂର୍ଣ୍ଣତା ଅଟେ । କ୍ରୋଧକୁ ସେବନ କରିନେବା ଓ କଟୁଭାଷାକୁ ପାନ କରିନେବା ମହାନ ବୀରର ପ୍ରତୀକ ।**

ଯଦି ଏହି ତିନି ଦିନରେ ଆମେମାନେ ଏହି ସୁନ୍ଦର ଶିକ୍ଷାର ପାଳନ କରିବା ତେବେ କିଛି ନା କିଛି ଉତ୍ତମ ଅଭ୍ୟାସର ଆମେ ଅଧିକାରୀ ହେବା ଏବଂ ଆସନ୍ତାରେ ମଧ୍ୟ ଏହି ସତ୍‌ଶିକ୍ଷା ମୁତାବକ ଅମଳ କରିବା । ନିଜ ଉପରେ ନିଜ ଭାଇକୁ ପ୍ରାଧାନ୍ୟ ଦେବା କୌଣସି ସାଧାରଣ କଥା ନୁହେଁ, ଏହା ବହୁତ ବଡ଼ ମୁଜାହିଦା (ଉଦ୍ୟମ କରିବା) ଅଟେ । ଏଥିଯୋଗୁଁ ଆପଣ[ଅ.ସ] କହିଲେ; ଏହାର ସମ୍ପର୍କ ବିଶ୍ୱାସ ସହିତ ରହିଛି । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଯଦି କେହି ମୋତେ କଠୋର ଭାଷାରେ ସମ୍ବୋଧନ କରେ ଏବଂ ମୁଁ ମଧ୍ୟ ତାହାକୁ ସେହିପରି ଉତ୍ତର ଦିଏ ତେବେ ମୋ ଅବସ୍ଥା ସନ୍ତାପନା ଯୋଗ୍ୟ । ଆବଶ୍ୟକ ତ ଥିଲା କି ମୁଁ ତାହା ପାଇଁ ଦୁଆ କରିଥାନ୍ତି । **ତେବେ ଏହା ସେହି ସତ୍‌ଶିକ୍ଷା ଓ ପବିତ୍ର ପରିବେଶ ଯାହାକି ଇସଲାମ ସ୍ଥାପନ କରିବାର ଅଭିଳାଷୀ ।**

ତୁମେ ଅନ୍ୟର ଉପଚାର ସେତେବେଳେ କରିପାରିବ ଯେତେବେଳେ ସ୍ୱୟଂ ସ୍ୱାସ୍ଥ୍ୟବାନ ଥିବ । ନିଜ ଅନ୍ତରରୁ ସମସ୍ତ ପ୍ରକାରର ଗର୍ବ ଓ ଅହଂଭାବକୁ ପରିଷ୍କାର ପରିଛନ୍ନ କରିବାକୁ ହେବ । ଯଦି ପରସ୍ପରର ତ୍ରୁଟିକୁ ଅଣଦେଖା କରି ଶାନ୍ତି ସୁରକ୍ଷାର ବାତାବରଣ ସୃଷ୍ଟି କରିବା ଦିଗରେ ପ୍ରୟାସ କରିବ ତେବେ ସେହି ଉଦ୍ଦେଶ୍ୟକୁ ହାସଲ କରିପାରିବା ଯେଉଁଥିପାଇଁ ଏଠାରେ ଆମେମାନେ ଏକତ୍ରିତ ହୋଇଅଛେ ।

କେତେକ ସମୟରେ ପରସ୍ପର ସହିତ ଧସ୍ତାଧସ୍ତି ହେବାର ଉତ୍କଟ ପରିସ୍ଥିତି ମଧ୍ୟ ଉପୁଜି ଥାଏ । ଯଦି ନିଜ ଉପରେ ନିୟନ୍ତ୍ରଣ ରକ୍ଷା କରିପାରୁ ନାହାନ୍ତି ତେବେ ଜଲସାକୁ ନଆସିବା ଭଲ । ନିଜ ଯାନବାହନ ପାର୍କିଙ୍ଗ୍ କରିବାରେ କର୍ମୀମାନଙ୍କ ସହିତ ସହଯୋଗ କରବେ । ଯଦି ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ଏହି ଦିନଗୁଡ଼ିକ ଅତିବାହିତ କରିନିଅନ୍ତି ଏବଂ ଖୁସିମନର ସହିତ (କୌଣସି ଅପ୍ରୀତିକର ଘଟଣା) ବରଦାସ୍ତ କରିନିଅନ୍ତି ତେବେ ଅଲ୍ଲାଃତାଲା ଅନ୍ୟ କୌଣସି ମାଧ୍ୟମରେ ଆପଣଙ୍କୁ ଏହାର ସୁଫଳ ପ୍ରଦାନ କରିବେ ।

ସମାଜରେ ଶାନ୍ତି ଓ ସୁରକ୍ଷାର ବାତାବରଣ ପରିବ୍ୟାପ୍ତ କରିବା ପ୍ରସଙ୍ଗରେ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ] କୁହନ୍ତି; ଅଭାବିକୁ ଖାଦ୍ୟ ଖୁଆଅ ଏବଂ ପ୍ରତ୍ୟେକ ସେହି ବ୍ୟକ୍ତି ଯେ ତୁମର ପରିଚିତ ଅଥବା ଅପରିଚିତ ସଭିଙ୍କୁ ସୁରକ୍ଷା ପ୍ରଦାନ କର । ସହସ୍ର ଲୋକ ଏପରି ଅଛନ୍ତି ଯାହାଙ୍କ ନିକଟରେ ଖାଇବାକୁ ମୁଠାଏ ଦାନା ତ ଥାଏ କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଛପରଟିଏ ନଥାଏ । ଇସଲାମ ଆମକୁ ଆଦେଶ ଦେଉଛି କି ଭୋକିଲାକୁ ଆହର ଯୋଗାଇ ଦିଅ । ସମ୍ଭବତଃ ମୁସଲମାନ ଦେଶ ଏହି ବାସ୍ତବତାକୁ ବୁଝି ନିଅନ୍ତୁ ଏବଂ ଏହି ଅସ୍ଥିରତାକୁ ଦୂର କରିବାକୁ ପ୍ରଚେଷ୍ଟା କରନ୍ତୁ ।

ଦେଖ ହଜୁର[ସ.ଅ] ଶାନ୍ତି ରକ୍ଷା କରିବାକୁ (ଆମମାନଙ୍କୁ) ଅନୁପ୍ରାଣିତ କରିଛନ୍ତି । ଏହା କେବଳ ମୁଖରୁ କହିଦେଲେ ବାସ୍ତବରେ ପରିଣତ ହୋଇଯିବ ନାହିଁ । ମନୁଷ୍ୟ ଯେତେବେଳେ ହୃଦୟରୁ ସଲାମ୍ କହିଥାଏ ସେତେବେଳେ ସୁରକ୍ଷା ପ୍ରଦାନ କରିବାର ଯତନ ମଧ୍ୟ କରିଥାଏ । ଅନ୍ୟର କଷ୍ଟ ଦୂର କରିବାକୁ ଉଦ୍ୟମ କରିଥାଏ । ଏହି ଦିନମାନଙ୍କରେ ପ୍ରତ୍ୟେକ ଅହେମଦିଙ୍କୁ ସୁରକ୍ଷା ପ୍ରଦାନ କରିବାର ବାର୍ତ୍ତା ପହଞ୍ଚାଇବା, ପରସ୍ପରକୁ ସଲାମ୍ କରିବା ପରମ୍ପରାକୁ ପ୍ରାଧାନ୍ୟ ଦେବା ଉଚିତ୍ ।

ମନୁଷ୍ୟକୁ ଯାହା ଠାରୁ କିଛି ଉପକାର ମିଳେ ଅଥବା ତାହାର ଯାହାଙ୍କ ସହ ଘନିଷ୍ଠତା ଥାଏ, ତାଙ୍କ ସହିତ ବେଶ ଉତ୍କଣ୍ଠିତ ହୋଇ ସାକ୍ଷାତ କରିଥାନ୍ତି । କିନ୍ତୁ ପ୍ରକୃତ ଶାନ୍ତି ଓ ସଦ୍‌ଭାବନା ସେତେବେଳେ ଉତ୍ପର୍ଣ୍ଣ ହୋଇଥାଏ ଯେତେବେଳେ ପାରସ୍ପରିକ ତିକ୍ତତା ଦୂର ହୋଇଥାଏ । ହୃଦୟରୁ ପରସ୍ପର ପ୍ରତି ମଙ୍ଗଳ କାମନାର ଦୁଆ ଉଙ୍କି

ମାରିଥାଏ । ଜଲସାର ପରିବେଶ ଶାନ୍ତି ଓ ସଦ୍‌ଭାବନା ପୂର୍ଣ୍ଣ ହୋଇଯାଉ, ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଆମ ଜୀବନର ଲକ୍ଷ ହୋଇଯାଉ । ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଜଲସାର ସମସ୍ତ କାର୍ଯ୍ୟକ୍ରମ ନିରବତାର ସହିତ ଧ୍ୟାନ ପୂର୍ବକ ଶୁଣନ୍ତୁ, ଜଲସା ସ୍ଥଳୀରେ ବସନ୍ତୁ । ଦେଖ ହଜରତ ମସିହ ମଉଦ[ଅ.ସ] **ଏହି କଥାକୁ ଅପସନ୍ଦ କରିଛନ୍ତି ଯେ, କେତେକ ଧୁରନ୍ଧର ବକ୍ତାଙ୍କ ଅଭିଭାଷଣକୁ ଶୁଣିନେବା ଏବଂ ଆଉ କେତେକଙ୍କର ଅଭିଭାଷଣକୁ ଶୁଣିବାରେ ଅନାସକ୍ତ ଭାବ ପ୍ରକଟ କରିବା ।**

ଜଲସାର ଦିନମାନଙ୍କରେ ବିଶେଷ ଭାବରେ ଅଲ୍ଲାହତାଲାଙ୍କ ମହିମା ଗାନ କରିବେ, ପ୍ରଭୁଙ୍କର ଜପ କରିବେ ଓ ଦରୁଦ ପାଠ କରିବା ପ୍ରତି ଧ୍ୟାନ ଦେବେ । ଏମିତି ମଧ୍ୟ ଆଜିକାଲି ମୁହରମ୍‌ର ମାସ ଚାଲିଛି । ଅଲ୍ଲାହତାଲାଙ୍କ ନାମ ନେଇ ହଜୁର [ସ.ଅ]ଙ୍କ ଆଧ୍ୟାତ୍ମିକ ଓ ଶାରୀରିକ ବଶଂଜଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରାଯାଇଥିଲା । ବର୍ତ୍ତମାନ ଏହି ଅତ୍ୟାଚାର ଆପଣଙ୍କ ଆଧ୍ୟାତ୍ମିକ ଅନୁଗାମୀ ଏବଂ ହଜରତ ମସିହ ମଉଦ [ଅ.ସ]ଙ୍କ ଜମାଅତ ଉପରେ କରାଯାଉଅଛି । ଆଜିକାଲି ପାକିସ୍ତାନର (ଅହେମଦିମାନେ) ଅତି ଜଟିଳ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି । ପୁନଶ୍ଚ ଶତ୍ରୁ ପକ୍ଷ କହୁଛନ୍ତି, ଏସବୁ (ଅତ୍ୟାଚାର) ଆମେ ନବୀଶ୍ରେଷ୍ଠଙ୍କୁ ପ୍ରେମ କରିବା ଯୋଗୁଁ କରୁଅଛୁ । ଯେତେବେଳେ କି ଆମ ବିଶ୍ୱାସର ଭିତ୍ତିଭୂମି ହିଁ ହଜୁର[ସ.ଅ] ଅସ୍ତିତ୍ୱ ଏବଂ ଆପଣ [ସ.ଅ]ଙ୍କ ନବୀଶ୍ରେଷ୍ଠ ହେବା ତଥା ଆପଣଙ୍କ ଧର୍ମବିଧାନ ଉପରେ ଆଧରିତ । ହଜୁର [ସ.ଅ]ଙ୍କ ଆଦେଶ ପାଳନ କରି ହିଁ ଆମେ ହଜରତ ମସିହ ମଉଦ [ଅ.ସ]ଙ୍କୁ ସ୍ୱୀକାର କରିଛୁ । ହଜରତ ମସିହ ମଉଦ[ଅ.ସ] ତ ଅଗଣିତ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, **ମୁଁ ଯାହା କିଛି ପ୍ରାପ୍ତ କରିଛି ତାହା କେବଳ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କୁ ପ୍ରେମ କରିବା ଫଳରେ ପ୍ରାପ୍ତ କରିଛି ।**

ଜଲସା ପ୍ରସଙ୍ଗରେ ଖୁତବାର ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ମହିଳା ଜଲସାସ୍ଥଳିରେ ମହିଳାମାନେ ବୁଝାବଣା ରଖୁଥିବା ନିଜ ପିଲାମାନଙ୍କୁ ବୁଝାନ୍ତୁ ଯେ, ସେମାନେ ଜଲସାର କାର୍ଯ୍ୟକ୍ରମ ନିରବତାର ସହ ଶୁଣିବେ । ଯେଉଁ ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଇଛି ତାହାର ପାଳନ କରିବେ । ଅଲ୍ଲାହତାଲା ପ୍ରତ୍ୟେକ ଅନିଷ୍ଟକାରୀଙ୍କ କବଳରୁ ଆମକୁ ରକ୍ଷା କରନ୍ତୁ ଏବଂ ଆମ ଉପରେ ନିଜ ଦୟା ଓ କୃପା ଅବତୀର୍ଣ୍ଣ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** ***

Khulasa Khutba Juma Huzoor Anwar a.b.a
28th July 2023